## ଏକକ ୧୦: ପରିବେଶ ଅଧ୍ୟୟନରେ ଶିକ୍ଷଣ ଆକଳନ ପାଇଁ ସାଧନୀ ଓ କୌଶଳ



ଟିପ୍ପଣୀ

ସଂରଚନା

୧୦.୦ - ଉପକ୍ରମ

୧୦.୧ - ଶିକ୍ଷଣ ଉଦ୍ଦେଶ୍ୟ

୧୦.୨ - ଆକଳନ ସାଧନୀ କଣ

୧୦.୨.୧ - ଆକଳନ ସାଧନୀର ବିକାଶ ଓ ଚୟନ

୧୦.୨.୨ - ଆକଳନ ସାଧନୀ ସମୂହ : ମନେରଖିବାର ଦିଗ

୧୦.୩ -ଆକଳନ କୌଶଳ

୧୦.୩.୧- ମୌଖିକ କୌଶଳ

୧୦.୩.୨.-ଲିଖିତ କୌଶଳ

୧୦.୩.୨.୧-ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧୦.୩.୨.୨-ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

୧୦.୩.୩.୩-କାର୍ଯ୍ୟ ସଂପାଦନ

୧୦.୩.୪-ପରିବେଶ ଅଧ୍ୟୟନରେ ଅପ୍ରକୃତ ଉତ୍ତର ଗୁଡ଼ିକୁ ସଂଶୋଧନ କରିବା

୧୦.୩.୫-ପର୍ଯ୍ୟବେକ୍ଷଣ କୌଶଳ

୧୦.୩.୬-ପରିବେଶ ଅଧ୍ୟୟନରେ ଆକଳନ ପାଇଁ ଅତିରିକ୍ତ ଧାରଣା ସମୂହ

୧୦.୪- ପରିବେଶ ଅଧ୍ୟୟନରେ ବିଭିନ୍ନ ଶିକ୍ଷଣ ଉଦ୍ଦେଶ୍ୟକୁ ଆକଳନ କରିବା ସମୟରେ ବିଚାରକୁ ନେବା ଦିଗ ସମୂହ ।

୧୦.୫-ସାରାଂଶ

୧୦.୬-ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୦.୭- ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୦.୮- ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୧୦.୦-ଉପକ୍ରମ

ପୂର୍ବ ଅଧ୍ୟାୟରେ ପରିବେଶ ଅଧ୍ୟୟନରେ ଆକଳନର ପନ୍ଥା ଗୁଡ଼ିକ ସହ ଆକଳନର ଉଦ୍ଦେଶ୍ୟ ଓ ପ୍ରକାର ସଂପର୍କରେ ତୁମେ ଶିଖିଛ । ଆକଳନ ଶିକ୍ଷାର୍ଥୀମାନଙ୍କୁ ପରସ୍ପର ବିଷୟରେ ବା କେତେକ ସ୍ଥିରିକୃତ ନିୟମ ବିଷୟରେ ତୁଳନା କରିବା ଓ ସେମାନଙ୍କର ସ୍ତର ନିରୂପଣ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଏହା ପ୍ରତ୍ୟେକ ଶିକ୍ଷାର୍ଥୀ କିପରି ଭଲ ଭାବରେ କାର୍ଯ୍ୟ ସଂପାଦନ କରିବାକୁ ସକ୍ଷମ ହେବେ, ନିଜର ଅଗ୍ରଗତିକୁ ପରଖିବା ଏବଂ ଅଧିକତର ଅଭିବୃଦ୍ଧିକୁ ନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପ୍ରତିପୁଷ୍ଟ ପ୍ରଦାନ କରିବାରେ ଏହା ଶିକ୍ଷଣକୁ ସାହାଯ୍ୟ କରିଥାଏ ।

ଯେହେତୁ ଜ୍ଞାନାତ୍ମକ, ଭାବାତ୍ମକ ଓ କୌଶଳାତ୍ମକ ବ୍ୟବହାର ପରିବେଶ ଅଧ୍ୟୟନ ଶିକ୍ଷଣ ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ, ତେଣୁ ଫଳାଫଳ ମୂଲ୍ୟାୟନ ପାଇଁ ବହୁ ବିଧ ଆକଳନ କୌଶଳ ଆବଶ୍ୟକ ହୋଇଥାଏ । ସେଥିଯୋଗୁଁ ଶିକ୍ଷଣର ଆକଳନ ଓ ଶିକ୍ଷଣ ପାଇଁ ଆକଳନ ନିମିତ୍ତ ମହତ୍ୱପୂର୍ଣ୍ଣ ସୂଚନା ଗୁଡ଼ିକର ଲିପିବଦ୍ଧ କରିବାକୁ ତୁମକୁ ନିଶ୍ଚିତ ଭାବେ ବ୍ୟାବହାରିକ ସାଧନୀ ଓ କୌଶଳ ଗୁଡ଼ିକୁ ଚିହ୍ନଟ କରିବାକୁ ପଡିବ ।

କେତେକ ସାଧନୀ ଓ କୌଶଳଗୁଡ଼ିକୁ ଆସ ଦେଖିବା ଯାହା ପରିବେଶ ଅଧ୍ୟୟନରେ ଆକଳନ ପାଇଁ ଫଳପ୍ରଦ ଭାବେ ବ୍ୟବହାର କରାଯାଇ ପାରିବ ।

## ୧୦.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ସମାପ୍ତି ପରେ ତୁମେ କରିବାକୁ ସମର୍ଥ ହେବ:

- ଶିକ୍ଷଣର ଆକଳନ ଓ ଶିକ୍ଷଣ ପାଇଁ ଆକଳନ ନିମିତ୍ତ କିପରି ସୂଚନା ଲିପିବଦ୍ଧ କରିବ ସେ ସଂପର୍କରେ ଆଲୋଚନା ।
- ଆକଳନ କୌଶଳର ବର୍ଣ୍ଣନା ଯାହା ପରିବେଶ ଅଧ୍ୟୟନ ପାଇଁ ଲାଭ ଦାୟକ ହୋଇପାରିବ ।
- ନିମ୍ନୋକ୍ତ ସହିତ ଆକଳନ ପାଇଁ ବିଭିନ୍ନ ସାଧନୀର ବର୍ଣ୍ଣନା, ଚୟନ ଓ ବ୍ୟବହାର

  (କ) ପରୀକ୍ଷଣ

  (ଖ) ପର୍ଯ୍ୟବେକ୍ଷଣ ଫର୍ଦ୍ଦ

  (ଗ) ତନଖି ତାଲିକା

  (ଘ) ରେଟିଂ ସ୍କେଲ୍

  (ଙ) ଦୃଶ୍ୟ-ଶ୍ରାବ୍ୟ ଲିପିବଦ୍ଧକରଣ

**ଶିକ୍ଷଣର ମୂଲ୍ୟାୟନ ଓ ଶିକ୍ଷଣ ପାଇଁ ମୂଲ୍ୟାୟନ**

ଶିକ୍ଷକ ବ୍ୟବହାର କରୁଥିବା ବିବିଧ ଆକଳନ କୌଶଳ ଫଳପ୍ରଦ ଓ ସୂଚନା ଭିତ୍ତିକ ଆକଳନ ଅନ୍ତର୍ଭୁକ୍ତ କରିଥାଏ ଯାହା ଭିନ୍ନ ଭିନ୍ନ ପ୍ରସଙ୍ଗରେ ଶିକ୍ଷଣ ଉଦ୍ଦେଶ୍ୟ ସଂପର୍କରେ ଶିକ୍ଷାର୍ଥୀମାନେ କଣ ଜାଣିଛନ୍ତି, ବୁଝିଛନ୍ତି ଓ କରିପାରିବେ ତାହା ପ୍ରଦର୍ଶନ କରିବାରେ ସେମାନଙ୍କୁ ବହୁବିଧ ସୁଯୋଗ ଦିଏ ।

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସ୍ତର ବିଷୟରେ ତଥ୍ୟ ଲିପିବଦ୍ଧ କରି ତୁମେ ଏହା କର । ଶ୍ରେଣୀ ଓ ବିଦ୍ୟାଳୟ ସ୍ତରରେ ପ୍ରତ୍ୟେକ ପିଲାର ଅଗ୍ରଗତି ଓ ବିକାଶ ବିବରଣୀର ଆଧାରର ଏହି ସୂଚନା ଗଠନ କରେ । ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ଗଭୀରତା ବିଷୟରେ ଜାଣିବାକୁ ଯେ କୌଣସି ସାଧନୀ ସାହାଯ୍ୟରେ ତୁମେ ଯେତେବେଳେ ସୁଚନା ଗୁଡ଼ିକୁ ଲିପିବଦ୍ଧ କର ତାହା ଶିକ୍ଷଣର ଆକଳନ ଅଟେ । ଲିପିବଦ୍ଧ ହୋଇଥିବା ସୁଚନା ଆଧାରରେ ତୁମେ ଯେତେବେଳେ ଶିକ୍ଷଣ ପାଇଁ ଅତିରିକ୍ତ କାର୍ଯ୍ୟଗୁଡ଼ିକର ଯୋଜନା କର, ତୁମେ ଶିକ୍ଷଣ ପାଇଁ ଆକଳନରେ ଅଭ୍ୟାସ କରୁଛ ବୋଲି କୁହାଯିବ । ଏହା ପ୍ରତିକାର ମୂଳକ ପଦକ୍ଷେପ ଭାବେ ପରିଚିତ ।

ଯେକୌଣସି ଆକଳନ ପାଇଁ ସୂଚନାର ଲିପିବଦ୍ଧକରଣ କେନ୍ଦ୍ରବୁନ୍ଦ ଅଟେ ଯାହାର ଚତୁଃପାର୍ଶ୍ୱରେ ଅତିରିକ୍ତ କାର୍ଯ୍ୟଗୁଡ଼ିକ ଘେରି ରହିଥାଏ । ଆକଳନ ସାଧନୀ ସମୂହ ମାଧ୍ୟମରେ ସୂଚନା ସଂଗ୍ରହ ହୋଇଥାଏ ।




## ୧୦.୨ ଆକଳନ ସାଧନୀ କ'ଣ

ଆକଳନ ସାଧନୀ ସାମଗ୍ରୀ ଅଟେ, ଯାହା ତୁମ ପସନ୍ଦର ଆକଳନ ପଦ୍ଧତି ପାଇଁ ତଥ୍ୟ ସଂଗ୍ରହ କରିବା ନିମିତ୍ତ ତୁମକୁ ସମର୍ଥ କରେ । ଏହି ସାଧନୀ ସବୁ ସୂଚନା ପ୍ରଦାନ କରେ ଯାହା ଏକ ଯୋଜନାବଦ୍ଧ ଶିକ୍ଷଣ ଫଳାଫଳ ଉପଲବ୍ଧ ହୋଇଛି କି ନାହିଁ ତାହା ନିଶ୍ଚିତ କରିବାରେ ବ୍ୟବହୃତ ହୋଇଥାଏ । ଜଣେ ଶିକ୍ଷକ ଭାବେ ଆକଳନ ସାଧନୀ ଗୁଡ଼ିକର ବିବିଧ ବିକାଶ ସୁବିଧା ଓ ସୀମିତତା ବିଷୟରେ ଜାଣିବା ଏହା ତୁମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପରିବେଶ ଅଧ୍ୟୟନ ଜୀବନ କୌଶଳ ସହ ସଂପର୍କିତ ହୋଇଥିବାରୁ ଏହି ସମିଶ୍ରିତ ଅଧ୍ୟୟନ କ୍ଷେତ୍ରର ଚାହିଦା ଅନୁସାରେ ଶିକ୍ଷକମାନେ ସେମାନଙ୍କ ଆକଳନ ସାଧନୀର ବିକାଶ ଓ ଅଭିବୃଦ୍ଧି କରିବାକୁ ଚେଷ୍ଟା କରିବା ଉଚିତ । ପରିବେଶ ଅଧ୍ୟୟନ ପାଇଁ କେତେକ ପ୍ରାସଙ୍ଗିକ ଆକଳନ ସାଧନୀ ହେଉଛି ପର୍ଯ୍ୟବେକ୍ଷଣ ଫର୍ଦ୍ଦ, ତନଖି ତାଲିକା, ନିର୍ଦ୍ଧାରଣ ମାପକ, ଶ୍ରବ୍ୟଦୃଶ୍ୟ ଲିପିବଦ୍ଧ ଉପକରଣ ସମୂହ ।

ଟିପ୍ପଣୀ

### ୧୦.୨.୧ ଆକଳନ ସାଧନୀର ବିକାଶ ଓ ଚୟନ କରିବା

ଆକଳନ ସାଧନୀଗୁଡ଼ିକୁ ବିକଶିତ କରିବାବେଳେ ତୁମେ ନିଶ୍ଚିତ କରିବା ଉଚିତ୍ ଯେ ସାଧନୀ ଗୁଡ଼ିକ ବୈଧ ଯୋଗ୍ୟ, ନମନୀୟ ଓ ନ୍ୟାୟ ସଙ୍ଗତ ଭଳି ନୀତିଗୁଡ଼ିକ ସହ ପରିକଳ୍ପିତ ଓ ଜୀବିତ । ଗୁଣାତ୍ମକ ଆକଳନ ସାଧନୀ ଗୁଡ଼ିକୁ ବିକଶିତ କରିବାରେ ଏହି ଚାରିଗୋଟି ବୈଶିଷ୍ଟ୍ୟ ତୁମକୁ ସାହାଯ୍ୟ କରିବା । ତେଣୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସ୍ପଷ୍ଟ କରିବା, ସର୍ବୋତ୍ତମ ଆକଳନ କୌଶଳ ସ୍ଥିର କରିବା ଏକ ପ୍ରସଙ୍ଗିକ ସାଧନୀକୁ ପରିକଳ୍ପନା କରିବା, ସାଧନୀକୁ ବୈଧ, ବିଶ୍ୱାସଯୋଗ୍ୟ ଓ ନମନୀୟ କରିବା ପାଇଁ ପିଛା କରିବା ଓ ପରିମାର୍ଜିତ କରିବା ।

### ୧୦.୨.୨ - ଆକଳନ ସାଧନୀ ସମୂହ : ମନେରଖିବାର ଦିଗ

**୧. ଶିକ୍ଷାଦାନ ଶିକ୍ଷଣ ପ୍ରସଙ୍ଗ ସହ ସାଧନୀ ତୁଳନୀୟ ହେବା ଉଚିତ୍**

ପରୀକ୍ଷଣ ଏକକ ପ୍ରସଙ୍ଗ ଓ ଦକ୍ଷତା ଆଧାରିତ ହେବା ଉଚିତ ଯାହା ଶିକ୍ଷାର୍ଥୀମାନଙ୍କ ପାଇଁ ଶିଖିବାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୁମର ପରୀକ୍ଷଣ ଗୁଡ଼ିକ କେତେ ଉତ୍ତମ ଭାବେ ଶିକ୍ଷଣ ଫଳାଫଳ ଗୁଡ଼ିକୁ ପ୍ରତିଫଳନ କରେ ତାହା ଉପରେ ନଜର ରଖିବା ପାଇଁ ଗୋଟିଏ ଅକ୍ଷରରେ ଶିକ୍ଷଣ ଫଳାଫଳ ଓ ଅନ୍ୟଟିରେ ଆକଳନ ସାଧନୀ ଗୁଡ଼ିକର ତାଲିକା କରି ଗୋଟିଏ ଭଲ ଆଧାର ନିର୍ମାଣ କରାଯାଇ ପାରିବ । ପ୍ରତ୍ୟେକ ପରୀକ୍ଷଣ ଏକକ ପାଇଁ ଏହା ଆଚ୍ଛାଦିତ କରୁଥିବା ଶିକ୍ଷଣ ଫଳାଫଳକୁ  ଯାଞ୍ଚ କର ।

**୨. ପରୀକ୍ଷଣ ବୈଧ, ବିଶ୍ୱାସଯୋଗ୍ୟ ଓ ସନ୍ତୁଳନ ହେବା ବିଧେୟ**

ଗୋଟିଏ ପରୀକ୍ଷଣ ବୈଧ ଅଟେ, ଯଦି ଏହାର ଫଳାଫଳ ଶିକ୍ଷାର୍ଥୀମାନଙ୍କ ଉପଲବ୍ଧ ସଂପର୍କରେ ନିଷ୍ପତ୍ତି ନେବାରେ ଉପଯୁକ୍ତ ଓ ଉପଯୋଗୀ ହୋଇଥାଏ । ଗୋଟିଏ ପରୀକ୍ଷଣ ବିଶ୍ୱାସଯୋଗ୍ୟ ଅଟେ, ଯଦି ଏହା ଗୋଟିଏ ଶିକ୍ଷାର୍ଥୀର କାର୍ଯ୍ୟ ସଂପାଦନ/ କୃତିକୁ ସଠିକ୍ ଓ କ୍ରମାଗତ ଭାବେ ମୂଲ୍ୟାୟନ କରେ । ସାଧାରଣ ଭାବେ ଦ୍ୱନ୍ଦାତ୍ମକ ପ୍ରଶ୍ନ, ଅସ୍ପଷ୍ଟ ସୂଚନା ଓ ଅନିର୍ଦ୍ଦିଷ୍ଟ ପ୍ରାପ୍ତାଙ୍କ ମାନଦଣ୍ଡ ବିଶ୍ୱାସନୀୟତାକୁ ପ୍ରଭାବିତ କରିଥାଏ । ସନ୍ତୁଳିତ ହେବା ମୁଖ୍ୟ ଶିକ୍ଷଣ ଫଳାଫଳ ଓ ଶିକ୍ଷଣ ଧାରଣାଗୁଡ଼ିକୁ ଧ୍ୟାନ ଦେବା ଗୋଟିଏ ପରୀକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ।

**୩. ସରଳତର ଧାରଣାରୁ ପ୍ରାରମ୍ଭ**

ସରଳତର ପ୍ରଶ୍ନଗୁଡ଼ିକ ସହିତ ଗୋଟିଏ ପରୀକ୍ଷଣ ଆରମ୍ଭ କର । ଏହା ଶିକ୍ଷାର୍ଥୀଙ୍କୁ ସାଧାରଣତଃ ଆକଳନ ସହିତ ଯୋଡ଼ି ହୋଇଥିବା ଅଧୀରତାକୁ ଅତିକ୍ରମ କରିବାରେ ସମର୍ଥ କରିବ ।

**୪. ସମୟର ପୂର୍ବ ପରୀକ୍ଷଣ**

ଅତି ଦୀର୍ଘ ବା ଅତିକ୍ଷୁଦ୍ର ପରୀକ୍ଷଣ ପ୍ରସ୍ତୁତି କରିବା ଦ୍ୱାରା କୌଣସି ଉଦ୍ଦେଶ୍ୟ ପୂରଣ ହୁଏ ନାହିଁ । ମାର୍ଗ ଦର୍ଶକ ଭାବେ, ଠିକ୍ ଭୁଲ ପରୀକ୍ଷଣର ପ୍ରତି ଏକକ ପାଇଁ ଦେଢ ମିନିଟ୍, ବହୁ ବିକଳ୍ପ ପରୀକ୍ଷଣର ପ୍ରତି ଏକକ ପାଇଁ ଏକ ମିନିଟ୍ ଏବଂ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ପାଇଁ ତିରିଶ ମିନିଟ୍  ସମୟ ଆବଣ୍ଟିତ ହେବା ଉଚିତ୍ । ଶିକ୍ଷାର୍ଥୀମାନଙ୍କୁ ନିଜ କାର୍ଯ୍ୟର ସମୀକ୍ଷା ପାଇଁ ପାଞ୍ଚ/ ଦଶ ମିନିଟ୍ ସମୟ ଦେବା  ଓ ନିର୍ଦ୍ଧାରିତ ସମୟରେ ପ୍ରଶ୍ନ ପତ୍ର ଦେବା ଓ ଉତ୍ତର ଖାତା ଆଦାୟ କରିବା ମଧ୍ୟ ଅନ୍ତର୍ଭୁକ୍ତ ହେବା  ଉଚିତ୍ ।



ଟିପ୍ପଣୀ

**୫. ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ  ଏକକର ଅନ୍ତର୍ଭୁକ୍ତ**

ପ୍ରତ୍ୟକ୍ଷ ଚିତ୍ର ଶିକ୍ଷଣ ପ୍ରଦର୍ଶିତ ପାଇଁ ଉଦ୍ଦିଷ୍ଟ ହେଲା ବେଳେ ପରୋକ୍ଷ ଚିତ୍ରରେ ଶିକ୍ଷଣର ପ୍ରତିଫଳନ ଓ ପ୍ରଦତ୍ତ ପରିସ୍ଥିତିରେ ତା'ର ପ୍ରୟୋଗକୁ ଗୁରୁତ୍ୱ ଦିଆଯାଏ । ପ୍ରତ୍ୟକ୍ଷ ପଦ୍ଧତି ବସ୍ତୁନିଷ୍ଠ ପରୀକ୍ଷଣ, ଦୀର୍ଘ ଉତ୍ତର ମୂଳକ, ଉପସ୍ଥାପନ ଓ ଶ୍ରେଣୀ ପ୍ରକୋଷ୍ଠର ନ୍ୟସ୍ତ କାର୍ଯ୍ୟ ଗୁଡ଼ିକୁ  ଅନ୍ତର୍ଭୁକ୍ତ  କରିଥାଏ । ପରୋକ୍ଷ ପଦ୍ଧତି ସର୍ବେକ୍ଷଣ , ପ୍ରକଳ୍ପ ଓ ପରୀକ୍ଷଣ ଗୁଡ଼ିକ ଅନ୍ତର୍ଭୁକ୍ତ କରିଥାଏ  ।

ପରୀକ୍ଷଣ ପ୍ରସ୍ତୁତି ନିମିତ୍ତ ପର୍ଯ୍ୟାପ୍ତ ସମୟ ବିନିଯୋଗ କର । ଯେହେତୁ ତୁମେ ପରୀକ୍ଷଣ  ପ୍ରସ୍ତୁତ କର, ତୁମେ ମାପିବାକୁ ଇଚ୍ଛା କରୁଥିବା ଶିକ୍ଷଣ ଫଳାଫଳ, ସେହି ଫଳାଫଳକୁ ମାପିବା ପାଇଁ ସର୍ବୋତ୍ତମ ଉପଯୋଗ୍ୟ ଏକକର ପ୍ରକାର, ପରୀକ୍ଷଣ ଏକକ କ୍ଲିଷ୍ଟତାର ସ୍ତର, ପରୀକ୍ଷଣର ସୀମିତତା, ପରୀକ୍ଷଣର ଫର୍ଦ୍ଦ ଓ ପରିକଳ୍ପନା ଏବଂ ପ୍ରାପ୍ତାଙ୍କ ଓ ବିଶ୍ଳେଷଣ ପ୍ରଣାଳୀ ବିଷୟରେ ଯତ୍ନର ସହ ଚିନ୍ତା କର ।

**ନିଜ ଅଗ୍ରଗତି ଆକଳନ - ୧**

(କ) ଶିକ୍ଷଣର  ଆକଳନ ଓ ଶିକ୍ଷଣ ପାଇଁ ଆକଳନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

..........................................................................................................

..........................................................................................................

(ଖ) ଏକ ଉତ୍ତମ ଆକଳନ ସାଧନୀର ପ୍ରମୁଖ ବୈଶିଷ୍ଟ୍ୟ ମାନ ଉଲ୍ଲେଖ କର ।

..........................................................................................................

..........................................................................................................

## ୧୦.୩ - ଆକଳନ କୌଶଳ ସମୂହ

କୌଶଳ ହେଉଛି ଏକ ସାଧନୀ ବ୍ୟବହାର ନିମିତ୍ତ ପ୍ରକ୍ରିୟା ବା ପ୍ରଣାଳୀ । ସାଧନୀ ହେଉଛି ଯନ୍ତ୍ର ବା ଉପକରଣ ଏବଂ କୌଶଳ ହେଉଛି ସେହି ଉପକରଣ ବ୍ୟବହାର କରିବାର ପ୍ରଣାଳୀ । ଗୁଣାତ୍ମକ ସାଧନୀ ଏବଂ ସୁସଂଗଠିତ କୌଶଳର ଏକ ସଂଯୋଗର ଫଳାଫଳ ହେଉଛି ଫଳପ୍ରଦ ଓ ଅର୍ଥପୂର୍ଣ୍ଣ ଆକଳନ ।

ଜାତୀୟ ପାଠ୍ୟକ୍ରମ ଆଧାର- ୨୦୦୫ରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଜ୍ଞାନ ନିର୍ମାଣ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଶିକ୍ଷାର୍ଥୀମାନେ ପରିବେଶ ସଂପର୍କିତ ସେମାନଙ୍କର ଜ୍ଞାନ ନିଜେ ନିର୍ମାଣ କରନ୍ତି ଏବଂ ସେହି ଶିକ୍ଷଣ ଓ ଅଗ୍ରଗତି ଶିକ୍ଷାର୍ଥୀର ବ୍ୟକ୍ତିଗତ ଗତିର ଏକ ନିରବଚ୍ଛିନ୍ନତା । ଯେତେବେଳେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ ଏହି ଗତିଶୀଳତା ଅନ୍ତର୍ଭୁକ୍ତ, ତେବେ ମନକୁ ପ୍ରଶ୍ନ ଆସେ ଯେ ସେହି ସମାନ ଆକଳନ କୌଶଳ ମାଧ୍ୟମରେ ଏକ ସମୟରେ ସମସ୍ତ ଶିକ୍ଷାର୍ଥୀଙ୍କର ଆକଳନ ହେବା ଉଚିତ୍ କି ? ବୋଧ ହୁଏ ନା, କାରଣ ପ୍ରତ୍ୟେକ ଶିକ୍ଷାର୍ଥୀ ସେମାନଙ୍କ ଶିକ୍ଷଣ ଶୈଳୀ ଓ ଅଭିରୁଚି ମଧ୍ୟ ଅନନ୍ୟ ।

ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଓ ସେମାନଙ୍କ ଆବଶ୍ୟକତାର ଗତିଶୀଳ ପ୍ରକୃତିକୁ ବିଚାର କରି ଜାତୀୟ ପାଠ୍ୟକ୍ରମ ଆଧାର ନିରବଚ୍ଛିନ୍ନ ଓ ସଂବ୍ୟାପକ ଆକଳନର ଧାରଣା ଉପରେ ପ୍ରାଧାନ୍ୟ ଦେଇଛି । ତୁମେ

ଟିପ୍ପଣୀ

ଜାଣ ଯେ, ସଂବ୍ୟାପକ ମୂଲ୍ୟାୟନ ମୌଖିକ, ଲିଖିତ ଓ କାର୍ଯ୍ୟ ସଂପାଦନ ଆଦି ବିବିଧ ଆକଳନ କୌଶଳରେ ଶିକ୍ଷଣ ସୁସର୍ଜିତ ହେବାକୁ ଆବଶ୍ୟକ କରେ ।

ଆସ ପରିବେଶ ଅଧ୍ୟୟନ ଶିକ୍ଷଣ ଆକଳନ କରିବା ପାଇଁ ବ୍ୟବହୃତ ହେଉଥିବା କେତେକ କୌଶଳର ଅନୁସନ୍ଧାନ କରିବା ।

### ୧୦.୩.୧ - ମୌଖିକ କୌଶଳ

ମୌଖିକ ପରୀକ୍ଷଣ ସହିତ ତୁମେ ନିଶ୍ଚିତ ପରିଚିତ ଥିବ । ଏଗୁଡ଼ିକ ଜଣେ ବ୍ୟକ୍ତି, ଗୋଟିଏ ଦଳ ବା ଗୋଟିଏ ଶ୍ରେଣୀର ସାମନାରେ ସଂଗଠିତ ହୋଇପାରେ । ଶିକ୍ଷକଙ୍କ ପ୍ରଶ୍ନର ପ୍ରତ୍ୟକ୍ଷ ଭାବେ ଉତ୍ତର ଦେବାରେ କିମ୍ବା ପ୍ରସ୍ତୁତ ଉକ୍ତି ଗୁଡ଼ିକୁ ଉପସ୍ଥାପନ କରିବାରେ ଏଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ଅନୁମତି ଦେଇଥାଏ । ପରିବେଶ ଅଧ୍ୟୟନରେ ବ୍ୟାବହାରିକ ଅଂଶ ପାଇଁ ଏହା ଏକ ଅନୁପୂରଣ ପରୀକ୍ଷଣ ହୋଇ ପାରିବ । ଏହି ଉଦ୍ଦେଶ୍ୟରେ ମୌଖିକ ପ୍ରଶ୍ନ ସମୂହ, ତର୍କ ଆଲୋଚନା, କୁଇଜ୍ ଓ ନାଟକ ବ୍ୟବହୃତ ହୁଏ ।

**ସୁବିଧା**

* ଗୋଟିଏ ବିଷୟର ଜ୍ଞାନ ଓ ଯୋଗାଯୋଗ ଦକ୍ଷତା ଉଭୟର ମୂଲ୍ୟାୟନ କରାଯାଇପାରିବ ।
* ଶବ୍ଦ ଭଣ୍ଡାର ବୃଦ୍ଧି ଓ ଯୁକ୍ତି ଶକ୍ତିର ବିକାଶ ନିମିତ୍ତ ଏହା ଗୁରୁତ୍ୱପୂର୍ଣ୍ଣ ।
* ଏହା ତତ୍କାଳ ପ୍ରତିପୃଷ୍ଟି ପ୍ରଦାନ କରେ । ତେଣୁ ସେମାନେ ପରୀକ୍ଷିତ ହୋଇଥିବା ଭଳି ଶିକ୍ଷାର୍ଥୀମାନଙ୍କୁ ଶିଖିବାକୁ ସୁଯୋଗ ଦିଏ ।
* ଏକ ସମୟରେ ବହୁ ସଂଖ୍ୟାର ଶିକ୍ଷାର୍ଥୀମାନେ ପରୀକ୍ଷିତ ହୋଇପାରିବେ ।

**ଅସୁବିଧା**

* ବିଶଦ ଜ୍ଞାନ ଓ ନିର୍ଣ୍ଣାୟକ ଚିନ୍ତନ ଦକ୍ଷତାର ପରୀକ୍ଷା ଫଳପ୍ରଦ ଭାବେ ସଂପାଦିତ ହୋଇ ନ ପାରେ ।
* ଯୋଜନା ଓ ସଂଗଠନ ପାଇଁ ଅଧିକ ସମୟ ଆବଶ୍ୟକ ।
* ସ୍ୱୟଂକ୍ରୀୟ ଭାବେ ଲିଖିତ ନଥି ପ୍ରସ୍ତୁତ କରିପାରେ ନାହିଁ ।

ଶିକ୍ଷାର୍ଥୀମାନଙ୍କର ଲିଖିତ ପରିପୃଷ୍ଟି ସୁନିଶ୍ଚିତ କରିବା ନିମିତ୍ତ ମୌଖିକ ପରୀକ୍ଷଣ ସମୟରେ ଶିକ୍ଷକମାନେ ତନଖି ତାଲିକା ବ୍ୟବହାର କରିବା ଓ ଶିକ୍ଷାର୍ଥୀମାନଙ୍କୁ ମନ୍ତବ୍ୟ ଗୁଡ଼ିକର ଫଟୋ କପି ପ୍ରଦାନ କରିବା ଆବଶ୍ୟକ ।

### ୧୦.୩.୨ - ଲିଖିତ (କୌଶଳ)

ଏହି କୌଶଳ ଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଉତ୍ତର ଦେବାକୁ ନିଜସ୍ୱ ପ୍ରଶ୍ନ

ବା ଦୃଶ୍ୟପଟମାନ ଦିଆଯାଏ । ଲିଖିତ କୌଶଳ ଗୁଡ଼ିକ ରଚନାତ୍ମକ, ସୀମିତ ଉତ୍ତର ମୂଳକ ବା ବସ୍ତୁନିଷ୍ଠ ପ୍ରକାରର ହୋଇପାରେ ।

### ୧୦.୩.୨.୧ - ରଚନାତ୍ମକ ପରୀକ୍ଷଣ

ସହଜ ପ୍ରଶ୍ନ ତିଆରି କରିବା ପାଇଁ ସମୟ କମ୍ ଦରକାର ପଡ଼ିଥାଏ । ସହଜ ପ୍ରଶ୍ନ ଜଟିଳ ଶିକ୍ଷଣ ଉଦ୍ଦେଶ୍ୟ ସହିତ ପ୍ରଶ୍ନର ଉତ୍ତର ଦେବାକୁ ବ୍ୟବହୃତ ପ୍ରକ୍ରିୟାକୁ ପରୀକ୍ଷଣ  କରିପାରିବ । ପରୀକ୍ଷଣ ପାଇଁ ପ୍ରଶ୍ନ ଏକକ ଗୁଡ଼ିକ ଅଧିକ ବାସ୍ତବଧର୍ମୀ ଏବଂ ସାଧାରଣ କାର୍ଯ୍ୟ ପ୍ରଦାନ କରେ । ପ୍ରଶ୍ନ ଏକକ ଗୁଡ଼ିକ ପରୀକ୍ଷାର୍ଥୀମାନଙ୍କ ପାଇଁ ସଠିକ୍ ଉତ୍ତର ଗୁଡ଼ିକୁ ଅନୁମାନ କରିବାରେ ଏହାକୁ କ୍ଲିଷ୍ଟ କରିଥାଏ ଓ ପରିକ୍ଷାର୍ଥୀମାନେ ସେମାନଙ୍କର ଲିଖନ ସହିତ ସଠିକ୍ ବନାନ ବ୍ୟାକରଣ ଦକ୍ଷତା ପ୍ରଦର୍ଶନ କରିବା ଏହା ଆବଶ୍ୟକ କରେ ।

### ସୁବିଧା

ଶିକ୍ଷାର୍ଥୀ ସହଜ ଆକାର ପ୍ରଶ୍ନର ଉତ୍ତର ଦିଏ ଓ ତା'ର ମତକୁ ସ୍ୱାଧୀନ ଭାବେ ପ୍ରକାଶ କରିବାରେ ସମର୍ଥ ହୁଏ ଯେଉଁଥିରେ ତାର ବ୍ୟକ୍ତିତ୍ୱର ଏକ ସ୍ପଷ୍ଟ ଧାରଣା ଥାଏ । ଏହାର ଅର୍ଥ ଶିକ୍ଷାର୍ଥୀର ଉପଲବ୍ଧ ସହ ତା'ର ପ୍ରକାଶନ ଶକ୍ତି, ଲିଖନ ସାମର୍ଥ୍ୟ ଓ ବ୍ୟକ୍ତିତ୍ୱ ମଧ୍ୟ ମୂଲ୍ୟାୟନ ହୋଇଥାଏ ।

### ଅସୁବିଧା

ରଚନାତ୍ମକ ପରୀକ୍ଷଣ ଅଳ୍ପ କେତେକ ପ୍ରଶ୍ନ ଉତ୍‌ଥାପନ କରେ, ତେଣୁ ପ୍ରସଙ୍ଗ ବୈଧତା କମ ହୋଇପାରେ । ଏହା ସହ ରଚନାତ୍ମକ ପରୀକ୍ଷଣର ବିଶ୍ୱାସନୀୟତା ଏବଂ ଶିକ୍ଷାର୍ଥୀର ସ୍ତର  ନିରୂପଣରେ ମଧ୍ୟ ଅସଂଗତି ଦେଖାଦେବା ସମ୍ଭାବନା ଏହାର ଅନ୍ତର୍ନିହିତ ଆଶା ଓ ବିଶ୍ୱାସ ଯୋଗ୍ୟ ନ ହୋଇପାରେ ।

### ୧୦.୩.୨.୨ -ସୀମିତ ଉତ୍ତର ମୂଳକ ପରୀକ୍ଷଣ

ଆବଶ୍ୟକତାକୁ ଭିତ୍ତିକରି ସୀମିତ ଉତ୍ତରମୂଳକ ପ୍ରଶ୍ନ ଗୁଡ଼ିକ ଗୋଟିଏ ବା ଦୁଇଟି ବାକ୍ୟ କିମ୍ବା ଗୋଟିଏ ଦୀର୍ଘ ଅନୁଚ୍ଛେଦ ଆବଶ୍ୟକ କରିପାରେ । ସ୍ୱଳ୍ପ ଉତ୍ତର ମୂଳକ ପରୀକ୍ଷଣ ଗୁଡ଼ିକ ଲେଖିବାକୁ ଅତି ସହଜ ଯଦିଓ ବହୁ ବିକଳ୍ପ  ପରୀକ୍ଷଣ ଠାରୁ ପ୍ରାପ୍ତାଙ୍କ ପାଇଁ ଅଧିକ ଲେଖିବାକୁ ହୁଏ ।

### ୧୦.୩.୨.୩: ବସ୍ତୁନିଷ୍ଠ ପରୀକ୍ଷଣ

ଶିକ୍ଷକ ନିଜର ଅଭିଜ୍ଞତାକୁ ଭିତ୍ତିକରି ଶିକ୍ଷଣର ଆବଶ୍ୟକତା ଓ ଲକ୍ଷ୍ୟ ପୂରଣ ନିମିତ୍ତ ବସ୍ତୁନିଷ୍ଠ ପରୀକ୍ଷଣ ପ୍ରସ୍ତୁତ କରନ୍ତି । ଏହା ଅତିମାତ୍ରାରେ ଉଦ୍ଦେଶ୍ୟଭିତ୍ତିକ,ବୋଧ,ବିଶ୍ୱାସ ଯୋଗ୍ୟ ଏବଂ ପ୍ରାପ୍ତାଙ୍କ ହାସଲ ନିମିତ୍ତ ସହଜ । ଏହା ପରିବେଶ ଅଧ୍ୟୟନରେ ପରିମାଣାତ୍ମକ ଆକଳନ ପାଇଁ ଅଧିକ ପସନ୍ଦ ଯୋଗ୍ୟ ।ଏହାର ମୁଖ୍ୟ ପ୍ରକାର ଗୁଡ଼ିକ ହେଲା:

ଏସବୁ ପରୀକ୍ଷଣ ଗୁଣାତ୍ମକ ବିଶ୍ଳେଷଣ ଦୃଷ୍ଟିରୁ ଉତ୍ତମ ନ ହୋଇପାରେ ।

ଟିପ୍ପଣୀ

**ବସ୍ତୁନିଷ୍ଠ ପ୍ରଶ୍ନ :**

**(୧) ସ୍ମରଣ ମୂଳକ ପ୍ରଶ୍ନ : ପୂର୍ବରୁ ଶିଖିଥିବା ତଥ୍ୟର ପରୀକ୍ଷଣ ଓ ସ୍ମରଣ ଶକ୍ତିର ମାପନ କରିବା ।**

(କ) ବାୟୁରେ ଶତକଡ଼ା କେତେ ଭାଗ ଯବକ୍ଷାରଜାନ ଅଛି ?

(ଖ) ତୁମ ବିଦ୍ୟାଳୟ ପରିସରରେ ବଢ଼ିଥିବା ଯେକୌଣସି ଏକ ଗୁଳ୍ମର ନାମ କୁହ ।

**(୨) ଚିହ୍ନଟ ପ୍ରଶ୍ନ :** ଏଗୁଡ଼ିକରେ ପ୍ରଶ୍ନ ଚିହ୍ନଟ ହୋଇଥାଏ ଏବଂ ତଦନୁସାରେ ଉତ୍ତର ଦିଆଯାଏ । ଏହା ଅନୁମାନ କାର୍ଯ୍ୟକୁ ପ୍ରୋତ୍ସାହିତ କରେ ଏବଂ ଏହା ନିମ୍ନ ପ୍ରକାରର ଅଟେ ।

(କ) ସାପର ମେରୁଦଣ୍ଡ ନାହିଁ ।(ଠିକ୍ / ଭୁଲ୍)

(ଖ) ପଲିଥିନ୍ ଜୀବାଣୁ ବା ଅନ୍ୟ ଜୈବ ପଦାର୍ଥ ଦ୍ୱାରା ସଢ଼ି ଆବକର୍ଷିତ ହୋଇପାରେ । (ଠିକ୍ / ଭୁଲ୍)

(ଗ) ବାୟୁରେ ଅମ୍ଳଜାନ କେତେ ପ୍ରତିଶତ ଅଛି ?

(କ) ୭୮% (ଖ) ୨୫% (ଗ)୮% (ଘ)୨୧%

**(୩) ନିମ୍ନୋକ୍ତ ଗୁଡ଼ିକ ମିଳାଅ :**

ଏହି ପ୍ରଶ୍ନ ଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ଭାବ ପ୍ରକାଶ କରେ । ପରୀକ୍ଷାର୍ଥୀ ସଠିକ୍ ଭାବ ସହ ଉପଯୁକ୍ତ ଲକ୍ଷଣ ସଂପନ୍ନ ପଦକୁ ଚିହ୍ନଟ କରି ମିଳନ କରିଥାଏ ।

| | |
|---|---|
| ୧. ବେଙ୍ଗ | (କ) ମାଟିର ଗୁଣ |
| ୨. ସାପ | (ଖ) ଉଭୟଚର ପ୍ରାଣୀ |
| ୩. ଜିଆ | (ଗ) ଲମ୍ବା ମୁନିଆ ଦାନ୍ତ(ବିଷ ଦାନ୍ତ) |
| | (ଘ) ସ୍ତନ୍ୟପାୟୀ |

**(୪) ଆକାର ଅନୁସାରେ ପ୍ରାଣୀମାନଙ୍କୁ ସାନରୁ ବଡ଼ କ୍ରମେ ସଜାଅ ।**

ମୂଷା , ହାତୀ, ମଶା, ଗାଇ, ବିରାଡ଼ି, ସିଂହ, କୁକୁର

**(୫) ସମାପନ ପ୍ରଶ୍ନ । ଏହା ଦୁଇ ପ୍ରକାର -**

କ. ସମ୍ଭାବ୍ୟ ଶବ୍ଦଗୁଡ଼ିକର ଶବ୍ଦଭଣ୍ଡାର ବ୍ୟବସ୍ଥା ଯାହା ଶୂନ୍ୟସ୍ଥାନ ପୂରଣ କରିବ ।

..................ଗୋଟିଏ ପକ୍ଷୀ ।(ବାଦୁଡ଼ି, ପାରା, ମହୁମାଛି)

ଖ. ପ୍ରଶ୍ନ ଭଣ୍ଡାର ବ୍ୟବସ୍ଥା ନଥାଇ ଯାହା ଉଚ୍ଚତର ବୋଧଗମ୍ୟତା ଓ ସ୍ମୃତି ଆବଶ୍ୟକ କରେ ।

..................... ଗ୍ୟାସ ପ୍ରାଣୀମାନଙ୍କ ବଞ୍ଚିବା ପାଇଁ ଏକାନ୍ତ ଆବଶ୍ୟକ ।

### (୬) ବହୁ ବିକଳ୍ପ ପ୍ରଶ୍ନ

ଗୋଟିଏ ପ୍ରଶ୍ନର ଅନେକ ଉତ୍ତର ଥାଏ । ଏହାର ଅତି କମ୍‌ରେ ଚାରୋଟି ବିକଳ୍ପ ଉତ୍ତର ମଧ୍ୟରୁ ଏଥିରେ ସଠିକ୍ ଉତ୍ତରଟିକୁ ଚିହ୍ନଟ କରିବାକୁ ହେବ । ଏହା ପ୍ରାଥମିକ ସ୍ତରର ଉଚ୍ଚ ଶ୍ରେଣୀ ଗୁଡ଼ିକରେ ବ୍ୟବହାର ହୋଇ ପାରିବ ।

**ସୁବିଧା**

କ) ଏହା ପରିଚାଳନା କରିବା ପାଇଁ କମ୍ ସମୟ ନିଏ ।

ଖ) ମୂଲ୍ୟାଙ୍କନ ଓ ସ୍ତର ନିରୂପଣ କରିବା ସହଜ ।

ଗ) ଅନେକ ବସ୍ତୁ ନିୟନ୍ତ୍ରଣ ଭିତରେ ରହିପାରେ ।

ଘ) ବ୍ୟାପକ କ୍ଲିଷ୍ଟ ପରିସରକୁ ସୁଯୋଗ ଦେଇଥାଏ ।

**ଅସୁବିଧା**

କ) ପ୍ରଶ୍ନ ପ୍ରସ୍ତୁତ କରିବା ଅଧିକ ସମୟ ସାପେକ୍ଷ ।

ଖ) ମନୋବୃତ୍ତି ପରୀକ୍ଷଣ ସମ୍ଭବ ନୁହେଁ ।

ଗ) ଅନୁମାନକୁ ପ୍ରୋତ୍ସାହିତ କରି ଥାଏ ।

### ୧୦.୩.୩ - କାର୍ଯ୍ୟ ସଂପାଦନ ପରୀକ୍ଷଣ

ପରବର୍ତ୍ତୀ କୌଶଳ ହେଉଛି କାର୍ଯ୍ୟ ସଂପାଦନ ଆକଳନ । ଯାହା ଗୋଟିଏ ଶିକ୍ଷାର୍ଥୀ କାର୍ଯ୍ୟ ସଂପାଦନର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଉପରେ କେନ୍ଦ୍ରିତ । କାର୍ଯ୍ୟ ସଂପାଦନ ପରୀକ୍ଷଣ ଏକ ଆକଳନ ଯାହା ଜଣେ ପରୀକ୍ଷାର୍ଥୀ ଗୋଟିଏ ନ୍ୟସ୍ତକାର୍ଯ୍ୟ ବା ଶିକ୍ଷଣ କାର୍ଯ୍ୟକୁ ପ୍ରକୃତରେ କରିବା ଆବଶ୍ୟକ କରେ । ଜଣେ ଶିକ୍ଷକ ବା ଅନୁଭୂତି ସଂପନ୍ନ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏହି ପ୍ରଦର୍ଶନର ମୂଲ୍ୟାୟନ ହୋଇଥାଏ ଏବଂ ଉପଯୋଗୀ ମନ୍ତବ୍ୟମାନ ପ୍ରଦାନ କରାଯାଏ ।

ପରୀକ୍ଷା ପରିଚାଳନା କରିବା, ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଅନୁକ୍ରମ ସୋପାନରେ କାର୍ଯ୍ୟ ସଂପାଦାନ କରିବା , ନିର୍ଦ୍ଦେଶ ଅନୁସରଣ କରିବା, ଚିତ୍ର ଅଙ୍କନ କରିବା, ବାସ୍ତବ ବା ଉଦ୍ଦୀପକ ପରିସ୍ଥିତିରେ ପ୍ରତିକ୍ରିୟା ପ୍ରକାଶ କରିବା, ସାମଗ୍ରୀ ବା ଉପକରଣ ବ୍ୟବହାର କରିବାରେ କାର୍ଯ୍ୟ ସଂପାଦନ ପରୀକ୍ଷଣ ଶିକ୍ଷାର୍ଥୀମାନଙ୍କୁ ପାରଦର୍ଶିତା ପ୍ରଦର୍ଶନ କରିବା ପାଇଁ କହିଥାଏ । ଏହା ବ୍ୟକ୍ତିଗତ ଓ ଦଳଗତ ଭାବେ ପରିଚାଳିତ ହୋଇ ପାରିବ । ପରିବେଶ ଅଧ୍ୟୟନ ଶିକ୍ଷଣ ଆକଳନ ପାଇଁ କାର୍ଯ୍ୟ ସଂପାଦନ ପରୀକ୍ଷଣ ଉପଯୋଗୀ ହୋଇ ପାରିବ ଯାହା ଏଥିରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶିତ କରିବାକୁ ଆବଶ୍ୟକ କରେ ।

**ସୁବିଧା ଓ ଅସୁବିଧା**

କାର୍ଯ୍ୟ ସଂପାଦନ ଆକଳନ ଶୀକ୍ଷାର୍ଥୀର ଶିକ୍ଷଣରେ ମୂଲ୍ୟବାନ ଅର୍ନ୍ତଦୃଷ୍ଟି ଉପୁଯାଇଥାଏ ଏବଂ ଶିକ୍ଷକଙ୍କୁ ଶିକ୍ଷଣ ଶୈଳୀ ଓ କାର୍ଯ୍ୟ ସଂପାଦନ ବିଷୟରେ ବ୍ୟାପକ ତଥ୍ୟ ପ୍ରଦାନ କରେ । ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଯୋଗାଯୋଗ ବାରମ୍ବାର ସୁଦୃଢ଼ ହୁଏ ଏବଂ ସ୍ୱ- ଆକଳନ ପାଇଁ ସୁଯୋଗର ଅଭିବୃଦ୍ଧି ଘଟେ ।

ଟିପ୍ପଣୀ

ସହାୟକ ଆଦି ଭଳି ବିବିଧ ଜୀବନ କୌଶଳ ଆକଳନ ପାଇଁ ଏହା ହିତକର ହୋଇଥିବା ବେଳେ, ଏହା ଅଧିକ ସମୟ ସାପେକ୍ଷ ଏବଂ ଏଥିପାଇଁ ଉପଯୁକ୍ତ ଯୋଜନା, ପର୍ଯ୍ୟବେକ୍ଷଣର ପରିଚାଳନା ଲିପିବଦ୍ଧ କରଣର ଦକ୍ଷତା ଆବଶ୍ୟକ କରେ ।

**୧୦.୩.୪ ପରିବେଶ ଅଧ୍ୟୟନରେ ଛାୟା ଉତ୍ତରଗୁଡ଼ିକର ସଂଶୋଧନ । (ଏକ ରଚନାତ୍ମକ ପରୀକ୍ଷଣର ପରିବର୍ତ୍ତନ)**

ଏକ ପରୀକ୍ଷଣ ପ୍ରସ୍ତୁତ କର । ଯେଉଁଥିରେ ଶିକ୍ଷାର୍ଥୀଙ୍କୁ ଛାୟା ଉତ୍ତରଗୁଡ଼ିକର ସଂଶୋଧନ, ଖଣ୍ଡନ ଓ ପ୍ରସାରଣ କରିବାକୁ ପଡ଼ିବ । ନିର୍ଦ୍ଧାରିତ ପରୀକ୍ଷା ତାରିଖର ଦୁଇ ସପ୍ତାହ ପୂର୍ବରୁ ୧୦/୧୨ଟି ରଚନାତ୍ମକ ପ୍ରଶ୍ନ ବଣ୍ଟନ କର ଏବଂ ପିଲାଙ୍କ ସହିତ ଶ୍ରେଣୀରେ ଆଲୋଚନା କର । ପ୍ରକୃତ ପରୀକ୍ଷଣ ନିମିତ୍ତ ବଣ୍ଟନ କରାଯାଇଥିବା ପ୍ରଶ୍ନ ମଧ୍ୟରୁ ୪ଟି ପ୍ରଶ୍ନ ବାଛ ଏବଂ ପିଲାମାନଙ୍କ ପାଇଁ ସଂପାଦନ,ସଂଶୋଧନ ଓ ସଂପ୍ରସାରଣ ଓ ଖଣ୍ଡନ କରିବାକୁ ବୌଦ୍ଧିକ ତ୍ରୁଟିଯୁକ୍ତ ଉତ୍ତମ ରୂପେ ଲିଖିତ ପରୀକ୍ଷଣ ପ୍ରସ୍ତୁତ କର ।

ଛାୟା ରଚନାତ୍ମକ ଉତ୍ତରଗୁଡ଼ିକ ଭୁଲ୍ ବୁଝାମଣା, ମୂଲ୍ୟବାନ ଧାରଣା, ଠିକ୍ କିନ୍ତୁ ଅସଂପୂର୍ଣ୍ଣ ବା ଅର୍ଥହୀନ ଧାରଣା ଗୁଡ଼ିକୁ ଧରି ରଖିବା ଉଚିତ୍ । କେତେକ କ୍ଷେତ୍ରରେ ଉତ୍ତରର କେବଳ ଗୋଟିଏ ବା ଦୁଇଟିକୁ ତ୍ରୁଟି ରହିବା ଉଚିତ୍ । ଏଭଳି ପରୀକ୍ଷଣକୁ ପିଲାମାନେ କେବଳ ଉପଭୋଗ କରନ୍ତି ନାହିଁ, ଏହାଦ୍ୱାରା ସେମାନଙ୍କର ବୋଧଗମ୍ୟତା, ବ୍ୟାଖ୍ୟାକରିବା / ବିଚାର କରିବା, ସଂପାଦନ କରିବା, ସଂଶୋଧନ କରିବା ଏବଂ ପ୍ରକାଶ କରିବାର ଦକ୍ଷତା ବୃଦ୍ଧି ହୋଇଥାଏ । ଏଭଳି ପରୀକ୍ଷଣ ବୁଝିବା ସାମର୍ଥ୍ୟ ବୃଦ୍ଧି କରିବା ସହିତ ନିର୍ଣ୍ଣୟକ ବିଶ୍ଳେଷଣର ଅଭିବୃଦ୍ଧି ଘଟାଇଥାଏ ।

**୧୦.୩.୫ : ପର୍ଯ୍ୟ ବେକ୍ଷଣ କୌଶଳ**

ପର୍ଯ୍ୟବେକ୍ଷଣ ଶବ୍ଦର ଅର୍ଥ ହେଉଛି ଏକ ଉଦ୍ଦେଶ୍ୟ ଆଧାରରେ ଜିନିଷକୁ ଦେଖିବା । ଆଚରଣ ପର୍ଯ୍ୟବେକ୍ଷଣ କରିବା ବ୍ୟବହାର ଆକଳନ କୌଶଳ ଏବଂ ପରିବେଶ ଅଧ୍ୟୟନ ଆକଳନ ପାଇଁ ଏହା ଅପରିହାର୍ଯ୍ୟ । ବିଭିନ୍ନ ପରିସ୍ଥିତିରେ ପରିବେଶ ଅଧ୍ୟୟନରେ ମୂଲ୍ୟ ଏବଂ ଏହାର କୌଣସି ଧାରଣାକୁ ବୁଝିବା/ନିମିତ୍ତ ବିଭିନ୍ନ ପରିସ୍ଥିତିରେ ମଧ୍ୟ ଏହାକୁ ପ୍ରୟୋଗ କରାଯାଇପାରେ । ଗୋଟିଏ ଧାରଣା ବା ମୂଲ୍ୟବୋଧକୁ ବୁଝିବାରେ ଶିକ୍ଷାର୍ଥୀଙ୍କ ଦକ୍ଷତାକୁ ପ୍ରୟୋଗ କରି ତୁମେ ଏହାକୁ ଆକଳନରେ ବ୍ୟବହାର କରିପାରିବ । ସୂଚନା ଓ ଧ୍ୟାନ ବ୍ୟତୀତ ଶିକ୍ଷାର୍ଥୀଙ୍କ ମନୋବୃତ୍ତି ଓ ମୂଲ୍ୟବୋଧ ଗୁଡ଼ିକର ନିର୍ଦ୍ଧାରଣରେ ଏହା ସାହାଯ୍ୟ କରେ । ଶ୍ରେଣୀଗୃହର କ୍ରିୟା ପ୍ରତିକ୍ରିୟାର ପର୍ଯ୍ୟବେକ୍ଷଣ କରିବାକୁ ପର୍ଯ୍ୟବେକ୍ଷଣ କୌଶଳ ଫଳପ୍ରଦ ଭାବେ ବ୍ୟବହାର କରାଯାଇପାରିବ ।

ଉଦାହରଣ ସ୍ୱରୂପ;

- ପରିବେଶ ପ୍ରତି ମନୋବୃତ୍ତି ଓ କାର୍ଯ୍ୟଭ୍ୟାସ
- ସ୍ୱାଧୀନ ଓ ସହଭାଗୀ ଭାବେ କାର୍ଯ୍ୟ କରିବାର ସାମର୍ଥ୍ୟ
- ସମସ୍ୟା ସମାଧାନ ସାମର୍ଥ୍ୟ
- ଶ୍ରେଣୀ ପ୍ରକୋଷ୍ଠର ବିବିଧତା ପ୍ରତି ପ୍ରତିକ୍ରିୟା
- ଧାରଣା ଓ ବୋଧଗମ୍ୟତାର ବିକାଶ

ପର୍ଯ୍ୟବେକ୍ଷଣ ଫର୍ଦ୍ଦ, ରେଟିଂସ୍କେଲ୍ ଏବଂ ସ୍କୋର୍ କାର୍ଡ ଭଳି ବିବିଧ ବ୍ୟବହୃତ ସାଧନୀ ପର୍ଯ୍ୟବେକ୍ଷଣ କୌଶଳରେ ଅର୍ନ୍ତଭୁକ୍ତ । ପରିବେଶ ଅଧ୍ୟୟନରେ ଆକଳନ ପାଇଁ ସୂଚନା ଲିପିବଦ୍ଧ କରିବାରେ ବ୍ୟବହୃତ କେତେକ ସାଧନୀ ସଂପର୍କରେ ଆସ ଆଲୋଚନା କରିବା ।

### କ) ପର୍ଯ୍ୟବେକ୍ଷଣ ଫର୍ଦ୍ଦ

ତୁମ ବିବରଣୀ ଖାତାରେ ଗୋଟିଏ ଶ୍ରେଣୀର ଗୋଟିଏ ପିଲା ପାଇଁ ଗୋଟିଏ ପିଲା ପାଇଁ ପର୍ଯ୍ୟବେକ୍ଷଣ କରି ସେମାନଙ୍କ ନିଜ ନିଜ ପୃଷ୍ଠାରେ ଲିପିବଦ୍ଧ କରି ରଖିବା କେତେକ ପ୍ରସଙ୍ଗ ଏଥିରେ ସନ୍ନିବେଶିତ କରିବାକୁ ହେବ, ସେ କଥା ତୁମେ  ବିଚାରକୁ ନେଇ ପାର ।

ନିମ୍ନ ଲିଖିତ ପ୍ରସଙ୍ଗକୁ ଆଧାର କରି ଶିକ୍ଷାର୍ଥୀର ମୂଲ୍ୟାୟନ ପାଇଁ ପର୍ଯ୍ୟବେକ୍ଷଣ ଫର୍ଦ୍ଦ ପ୍ରସ୍ତୁତ କରାଯାଇପାରେ ।

(କ) କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କର ନିଯୁକ୍ତି

(ଖ) ଦଳରେ କାର୍ଯ୍ୟ କରିବା

(ଗ) ସ୍ୱାଧୀନ କାର୍ଯ୍ୟ

(ଘ) ଦଳର ସଦସ୍ୟମାନଙ୍କ ପ୍ରତି ମନୋବୃତ୍ତି /ଚିନ୍ତନ

(ଙ) ସମ୍ବଳର ବ୍ୟବହାର ଓ ପରିଚାଳନା

(ଚ) ସମସ୍ତଙ୍କ ପାଇଁ ସମ୍ମାନ

(ଛ) ଶ୍ରମର ମର୍ଯ୍ୟାଦା

(ଜ) ଶିକ୍ଷଣ ପାଇଁ ଅବେଗ

(ଝ) ବିଭିନ୍ନ ପରିସ୍ଥିତିରେ ଜ୍ଞାନର ପ୍ରୟୋଗ କରିବା

(ଞ) ସୁପାରିଶ/ ପରବର୍ତ୍ତୀ ପଦକ୍ଷେପ/ପ୍ରତିପୁଷ୍ଟି

### (ଖ) ରେଟିଂ ସ୍କେଲ୍ (ନିର୍ଦ୍ଧାରଣ ମାପକ)

ଉତ୍କର୍ଷ ନିର୍ଦ୍ଧାରଣ (ରେଟିଂ) ହେଉଛି ଏକ ଶବ୍ଦ ଯାହା କେତେକ ପରିସ୍ଥିତି, ବସ୍ତୁ ବା କାର୍ଯ୍ୟ ସଂପର୍କିତ ମତାମତ ବା ବିଚାର ପ୍ରକାଶ କରିବାକୁ ପ୍ରୟୋଗ ହୋଇଥାଏ ।ଏସବୁ ମତାମତ ସ୍ୱାଭାବିକ ଭାବେ ମାପକ୍ରମରେ ଗୁଣାତ୍ମକ ବା ପରିଣାତ୍ମକ ଭାବେ ପ୍ରକାଶିତ ହୋଇଥାଏ । ନିର୍ଦ୍ଧାରଣ ମାପକ ପ୍ରସ୍ତୁତି ନିମିତ୍ତ ଶିକ୍ଷକ ମାପ ହେବାକୁ ଥିବା ଉପାଦାନର ପରିବର୍ତ୍ତନଶୀଳ ମାତ୍ରାକୁ ପୃଥକ କରିବା ପାଇଁ ମାପକର ସ୍ଥାନ, ଏକକ ଓ ଶ୍ରେଣୀ ଚିହ୍ନଟ କରିବା ଆବଶ୍ୟକ କରେ ଓ ଏହି ଏକକ ଗୁଡିକୁ ସଂଗତ ଭାବରେ ବର୍ଣ୍ଣନା କରେ ।



ଟିପ୍ପଣୀ

ଆର୍ବଜନା ଫୋପାଡିବା ଓ ସହଯୋଗୀ ମୂଲ୍ୟବୋଧ ଏବଂ ଧାରଣା ଗୁଡିକୁ ବୁଝିବାରେ ରେଟିଂସ୍କେଲ

| କ୍ର.ନଂ | ଉକ୍ତିସମୂହ | ସଂପୂର୍ଣ୍ଣ ସମ୍ମତ | ସମ୍ମତ | ଅନିର୍ଦ୍ଦିଷ୍ଟ ଅସମ୍ମତ | ସଂପୂର୍ଣ୍ଣ ଅସମ୍ମତ |
|---|---|---|---|---|---|
| ୧. | ଘର ସଫା କରିବା କେବଳ ମା'ଙ୍କର ଦାୟିତ୍ୱ | | | | |
| ୨. | ଆବର୍ଜନା ସାମଗ୍ରୀ ଘରୁ ବାହାର କରିବା ଉଚିତ୍ | | | | |
| ୩. | ଭିନ୍ନ ଭିନ୍ନ ଆବର୍ଜନା ପାଇଁ ପୃଥକ ପାତ୍ର ରଖିବା ଉଚିତ୍ | | | | |
| ୪. | ପଲିଥିନ୍ ବ୍ୟାଗ୍ ପୁନର୍ବାର ବ୍ୟବହାର ହେବା ଉଚିତ୍ | | | | |
| ୫. | ପଲିଥିନ୍ ବ୍ୟାଗ୍ ବଦଳରେ କାଗଜ ମୁଣି ବ୍ୟବହାର ହେବା ଅବାଞ୍ଛନୀୟ । | | | | |
| ୬. | ମୋ ଘରର ସଫା ସୁତୁରା ପାଇଁ ମୁଁ ନିଜେ ଦାୟୀ | | | | |
| ୭. | ଆବର୍ଜନା ସାମଗ୍ରୀ ପୋଡ଼ିଦେବା ଉଚିତ୍ | | | | |
| ୮. | ପଲିଥିନ୍ ବ୍ୟାଗ୍ ଦ୍ୱାରା ମାଟି ଦୂଷିତ ହୁଏ | | | | |
| ୯. | ପରିବା ଆବର୍ଜନାକୁ କମ୍ପୋଷ୍ଟ(ପଚାଖତ) କରିବା ଉଚିତ | | | | |
| ୧୦. | ପ୍ରତ୍ୟେକ ଆବାସିକ ବସତି ରେ ଉତ୍ତମ ପରିଚାଳିତ ସ୍ୱାସ୍ଥ୍ୟକର ବ୍ୟବସ୍ଥା ରହିବା ଉଚିତ | | | | |

(ଗ) ଶ୍ରାବ୍ୟ ଦୃଶ୍ୟ ଲିପିବଦ୍ଧ କରଣ

ଏହି ଲିପିବଦ୍ଧକରଣ ଗୁଡିକ ଜଣେ ଶିକ୍ଷକଙ୍କୁ ନିଜ କାର୍ଯ୍ୟ ସଂପାଦନ ବିଷୟରେ ମଧ୍ୟ ମୂଲ୍ୟବାନ ପ୍ରତିପୃଷ୍ଟି ପ୍ରଦାନ କରେ ।ଏହି ଲିପିବଦ୍ଧକରଣ ଏବଂ ଅଣବାଚନିକ ଯୋଗାଯୋଗ ପରିସରକୁ ଧରିରଖି ପାରିବ ଯାହା ଏକ ଶିକ୍ଷଣ ପରିସ୍ଥିତିରେ ସଂଗଠିତ ହୋଇଥାଏ ।ଏକ ଯାନ୍ତିକ ନଥି ହେତୁ ତୁମେ ମୁକ୍ତ ରୁହ କାରଣ ଏହା ସଂମ୍ପୂର୍ଣ୍ଣରୂପେ ଅପ୍ରଭାବିତ ଓ ଉଦ୍ଦେଶ୍ୟଭିତ୍ତିକ ଅଟେ ।

**୧୦.୩.୬ ପରବେଶ ଅଧ୍ୟୟନରେ ଆକଳନ ପାଇଁ ଅତିରିକ୍ତ ଧାରଣା ସମୂହ**

୧. "ଖେଳଟିଏ ତିଆରି କର"ପରୀକ୍ଷଣ

ଗୋଟିଏ ବୋର୍ଡ ଖେଳ ବା ଶବ୍ଦ ଖେଳ ତିଆରି କରିବା ପାଇଁ ଶିକ୍ଷାର୍ଥୀ ମାନଙ୍କୁ କୁହାଯାଇ ପାରିବ ଯାହା ପରିବେଶ ଅଧ୍ୟୟନ ପାଇଁ ଏକ ପ୍ରାସଙ୍ଗିକ ତଥ୍ୟ ପରିସରକୁ ଆଚ୍ଛାଦିତ କରିଥାଏ ।ଯଥା 'ଉଦ୍ଭିଦ ଜଗତ' ବା 'ଜଳ' ଇତ୍ୟାଦି । ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଖେଳର ନୀତି ଓ ମାନ ଅନ୍ତର୍ଭୁକ୍ତ କରିବାକୁ କୁହାଯିବା ଉଚିତ୍ ।

୨. ଘରୋଇ ପରୀକ୍ଷଣ

ପୁସ୍ତକ, ସାମଗ୍ରୀ ଓ ଅନ୍ୟାନ୍ୟ ଉପଲବ୍ଧ ଶୈକ୍ଷିକ ସମ୍ବଳଗୁଡ଼ିକ ସାହାଯ୍ୟରେ ଶିକ୍ଷାର୍ଥୀ ମାନଙ୍କୁ ନିଜ ଗତିରେ କାର୍ଯ୍ୟ କରିବାକୁ ଏହି ପରୀକ୍ଷଣ ଗୁଡ଼ିକ ସୁଯୋଗ ଦିଏ । ଜଣେ ଶିକ୍ଷକ ପିଲାମାନଙ୍କ ସହ ପାଉଥିବା ଶ୍ରେଣୀଗୃହ ପାରସ୍ପରିକ କ୍ରିୟା ପାଇଁ ଆବଶ୍ୟକୀୟ ସୀମିତ ସମୟକୁ ନ ନେଇ ଘରୋଇ ପରୀକ୍ଷଣ ଦୀର୍ଘ ଓ  ଅଧିକ ଜଡ଼ିତ ପ୍ରଶ୍ନ ଓ ପ୍ରତିଫଳନ ପାଇଁ ଅନୁମତି ଦିଏ ।

୩. ଖୋଲାପୁସ୍ତକ ପରୀକ୍ଷଣ

ଏକ ଖୋଲାପୁସ୍ତକ ପରୀକ୍ଷଣରେ, ନାମ ଅନୁସାରେ, ପିଲାମାନେ ସେମାନଙ୍କା ପ୍ରତିକ୍ରିୟାଗୁଡ଼ିକୁ ପୁସ୍ତକ ସାହାଯ୍ୟରେ ଲେଖି ପାରିବେ । ଏହି ପରୀକ୍ଷଣ ଅନାବଶ୍ୟକ ଘୋଷା ଶିକ୍ଷଣକୁ ନିରୁତ୍ସାହିତ କରେ ।

୪. ଦଳଗତ ପରୀକ୍ଷଣ

ଶ୍ରେଣୀରେ ବା ଘରୋଇ ପ୍ରକଳ୍ପ ଭାବେ ଏହା ପରିଚାଳନା କରାଯାଇ ପାରିବ । ଶିକ୍ଷାର୍ଥୀମାନେ ସାଧାରଣତଃ ଦଳଗତ ପରୀକ୍ଷଣ ପାଇଁ ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରନ୍ତି । ବିଶେଷତଃ ପରିବେଶ ଅଧ୍ୟୟନ ପାଇଁ ଏହି କୌଶଳ ଅଧିକ ସୁବିଧା ଜନକ । ତୁମେ ସହଯୋଗୀ ଶିକ୍ଷଣ ସମ୍ପର୍କରେ  ଅବଗତ । (ଭାଗ-୨ କୁ ସୂଚିତ କର) । ସହଯୋଗୀ ଶିକ୍ଷଣ ପଛରେ ଥିବା ତତ୍ତ୍ୱକୁ ମନେ ପକାଅ ଓ ନିମ୍ନୋକ୍ତ ଉଦାହରଣ ସହ ସଂପର୍କିତ କର ।

ଶୁକେଶୀ ଜଣେ ଉତ୍ସାହି ଶିକ୍ଷୟତ୍ରୀ ପଞ୍ଚମ ଶ୍ରେଣୀରେ ପରିବେଶ ଅଧ୍ୟୟନ ଶିକ୍ଷଣର ଆକଳନ ଦଳଗତ ପରୀକ୍ଷଣ କୌଶଳ ପ୍ରୟୋଗ କଲେ । ସେ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ପ୍ରଥମେ ଛୋଟ ଛୋଟ ସାତଟି ଦଳରେ ବିଭକ୍ତ କଲେ । ଇନ୍ଦ୍ରଧନୁର ରଙ୍ଗ ବାଇଗଣି, ଘନନୀଳ, ନୀଳ, ଶାଗୁଆ, ହଳଦିଆ, ଲାଲ, ନାରଙ୍ଗି ଆଧାରରେ ପ୍ରତି ଦଳକୁ ନାମକରଣ କଲେ ଏବଂ ପ୍ରତ୍ୟେକ ଦଳରେ ୫ ଜଣ ପିଲା  ରହିଲେ । ଦଳର ପ୍ରତ୍ୟେକ ପିଲାଙ୍କର ଶିକ୍ଷଣ ସାମର୍ଥ୍ୟ ଓ ଶିକ୍ଷଣ ଶୈଳୀ ନିଆରା ଥିଲା  । ନାଲି ଦଳରେ  ସାମିମ



ଟିପ୍ପଣୀ

ଓ ଜୋନଙ୍କ ଶିକ୍ଷଣ ବେଗ ପ୍ରଖର, ରମଣ ମଧ୍ୟମ ଧରଣର ଏବଂ ସିଦ୍ଧାର୍ଥ ଓ ମନ୍ୟେନ୍ଦ୍ରର ଶିକ୍ଷଣ ବେଗ ତୁଳନାତ୍ମକ ଭାବେ ଧୀର । ଦଳ ଗଠନ ବେଳେ ସୁକେଶୀ ପ୍ରତି ଦଳରେ ଭିନ୍ନ ଭିନ୍ନ ଶିକ୍ଷାର୍ଥୀମାନଙ୍କୁ ରଖିବା ପାଇଁ ନିଶ୍ଚିତ କଲେ ।

୫.ଯୋଡିର ପରୀକ୍ଷଣ

ଶିକ୍ଷାର୍ଥୀଙ୍କ ଯୋଡି ଗୋଟିଏ ଏକକ ସମସ୍ୟା/ବିଚାର/ପ୍ରଶ୍ନ ଉପରେ କାର୍ଯ୍ୟ କରେ । ଯୋଡି ସ୍ୱଚୟକ ବା ନ୍ୟସ୍ତ କରାଯାଇପାରିବ । ଯୋଡିରେ ଆଲୋଚନା ପାଇଁ ଅନୁମତି ଦେଇ ଓ ଖୋଲା ପୁସ୍ତକ ସହ ଯୋଡିରେ କାର୍ଯ୍ୟ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଅନୁମତି ଦେଇ ଭିନ୍ନତା ଅଣାଯାଇପାରିବ କିନ୍ତୁ ବ୍ୟକ୍ତିଗତ ଉତ୍ତର ଖାତା ଦେବେ ।

---

**ନିଜ ଅଗ୍ରଗତି ଆକଳନ-୨**

୧.ପରିବେଶ ଅଧ୍ୟୟନ ଆକଳନ ପାଇଁ କେଉଁ କୌଶଳ ଉତ୍ତମ ଓ କାହିଁକି ?

..................................................................................................

..................................................................................................

..................................................................................................

---

## ୧୦.୪ ପରିବେଶ ଅଧ୍ୟୟନରେ ବିଭିନ୍ନ ଶିକ୍ଷଣ ଉଦ୍ଦେଶ୍ୟର ଆକଳନ କରିବା ବେଳେ ବିଚାରକୁ ନେବା ପ୍ରସଙ୍ଗ

- ବିବିଧ ପନ୍ଥା ସମୂହରେ ପ୍ରୟୋଗ କର:

ଏହା ବିଚାର କରିବା ଯେ ପରିବେଶ ଅଧ୍ୟୟନ ବିବିଧ ଶିକ୍ଷଣ ଫଳାଫଳ ସହ ସଂପର୍କିତ ଅଟେ । ବହୁବିଧ ପନ୍ଥାଗୁଡିକ ବ୍ୟବହାର କରିବାର ସମିଶ୍ରିତ ଉପାୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

- ବହୁବିଧ ପରୀକ୍ଷଣ କୌଶଳର ବ୍ୟବହାର କର :

ପିଲାମାନଙ୍କ ବ୍ୟକ୍ତିତ୍ୱ ଓ ଶିକ୍ଷଣ ରୁଚିରେ ଭିନ୍ନତା ଅଛି । ତେଣୁ ବିବିଧ ଆକଳନ କୌଶଳର ବ୍ୟବହାର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବୃଦ୍ଧି ଓ ଶିକ୍ଷଣରେ ସାହାଯ୍ୟ କରିବ ।

- ଦକ୍ଷତା ପରୀକ୍ଷଣ କରୁଥିବା ପ୍ରଶ୍ନଗୁଡିକ ଲେଖ :

ପରୀକ୍ଷଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣଥିବାରୁ ଓ ପରିବେଶ ଅଧ୍ୟୟନ ଉଚଚ୍ଚର ଦକ୍ଷତା ବିକାଶ ପାଇଁ ମଧ୍ୟ ଲକ୍ଷ୍ୟ ରଖିଥିବାରୁ ଶିକ୍ଷକ ପରିକ୍ଷଣରେ ସ୍ମରଣଭିତ୍ତିକ ପ୍ରଶ୍ନ ପରିବର୍ତ୍ତେ ଅନ୍ୟାନ୍ୟ ପ୍ରଶ୍ନକୁ ବ୍ୟବହାର କରିବା ଉଚିତ । ସମସ୍ୟା ସମାଧାନ, ଧାରଣାଗୁଡିକର ପ୍ରୟୋଗ ଇତ୍ୟାଦି ଭଳି ଦକ୍ଷତା ଗୁଡିକର ଆକଳନ କରିବାକୁ (ନୂଆ ପରିସ୍ଥିତିରେ ଧାରଣା ଓ ନୀତି ଗୁଡିକ ପ୍ରୟୋଗ କରି) ପ୍ରଶ୍ନଗୁଡିକ ପ୍ରଦର୍ଶନ, ପରିବର୍ତ୍ତନ, ନିର୍ବାହ, ପ୍ରସ୍ତୁତି, ଉତ୍ପନ, ସଂପର୍କିତ, ଦେଖାଇବା, ସମାଧାନ ଓ ବ୍ୟବହାର ଆଦିକୁ ଅନ୍ତର୍ଭୁକ୍ତ କରିବା ଉଚିତ ।

- ଶିକ୍ଷାର୍ଥୀଙ୍କର ବିଶ୍ଳେଷଣାତ୍ମକ ସାମର୍ଥ୍ୟକୁ ବୁଝିବା:-

(ଅସ୍ପଷ୍ଟ ଧାରଣା ବା ଯୁକ୍ତି ଯୁକ୍ତ ସୁବିଧାର ଚିହ୍ନଟ କରିବା ତଥ୍ୟ ଓ ଯୁକ୍ତିଯୁକ୍ତ ଅନୁମାନ ମଧ୍ୟରେ ପ୍ରଭେଦ ଦେଖାଇବାର ସାମର୍ଥ୍ୟ ) ରେଖାଚିତ୍ର, ପ୍ରଭେଦ ସୂଚାଇବା, ପାର୍ଥକ୍ୟ ବାରିବା, ଉଦାହରଣ ବା ଚିତ୍ର ସାହାଯ୍ୟରେ ବୁଝାଇବା, ଅନୁମାନ କରିବା, ସୂଚିତ କରିବା, ଚୟନ କରିବା, ପୃଥକ କରିବା, ବିଭକ୍ତ ପଦାର୍ଥକୁ ପୁନର୍ବାର ବିଭାଜନ କରିବା ଆଦି ପରିକ୍ଷଣ ପ୍ରଶ୍ନଗୁଡ଼ିକ ଉପଯୋଗୀ ।

- ସଂଶ୍ଳେଷଣ ସାମର୍ଥ୍ୟ ସଂପର୍କରେ ଶିଖିବା:-

(ବିଭିନ୍ନ କେନ୍ଦ୍ରରେ ଶିକ୍ଷଣର ଏକତ୍ରୀକରଣ ବା ସୃଜନଶୀଳ ଚିନ୍ତନ ଦ୍ୱାରା ସମସ୍ୟ ସମାଧାନ)

ବିଭାଗୀକରଣ ଯୋଗ, ଉଦ୍ଭାବନ, ନକ୍ସାଙ୍କନ, ବ୍ୟାଖା ସୃଷ୍ଟି , ସଂଗଠନ, ଯୋଜନା, ପୁନର୍ବିନ୍ୟାସ, ପୁନଃନିର୍ମାଣ, ପୁନରାବୃତ୍ତି କୁହ ଇତ୍ୟାଦି ପରୀକ୍ଷଣ ପ୍ରଶ୍ନମାନ ପଚାର ।

- ମୂଲ୍ୟାୟନ ଦକ୍ଷତା ଗୁଡ଼ିକ ସଂପର୍କରେ ଜାଣିବା:-

(ବିଚାର ଓ ଆକଳନ କରିବା)

ପ୍ରଶ୍ନ ଗୁଡ଼ିକ ଅର୍ନ୍ତଭୁକ୍ତ କରିବା ଉଚିତ- ଜଣାଇବା, ତୁଳନା, ଉପସଂହାର ବୈସାମ୍ୟା, ସମାଲୋଚନା, ବର୍ଣ୍ଣନା, ପାର୍ଥକ୍ୟ ଦର୍ଶାଅ- ଯଥାର୍ଥତା ପ୍ରତିପାଦନ, ବ୍ୟାଖ୍ୟା ସହାୟତା ଇତ୍ୟାଦି ।

ଉଚିତ

- ପ୍ରତିପୁଷ୍ଟି ଦେବା:-

ଶିକ୍ଷାର୍ଥୀଙ୍କ କାର୍ଯ୍ୟ ସଂପାଦାନ ଦେଖି ପ୍ରତିପୁଷ୍ଟି ପ୍ରଦାନ କର ଏବଂ ଏଥିପାଇଁ ଶିକ୍ଷାର୍ଥୀର ଚିହ୍ନିତ ଆବଶ୍ୟକତାକୁ ପୁରଣ କରିବା ପାଇଁ କାର୍ଯ୍ୟ ଗୁଡ଼ିକୁ ଉପଯୋଗ ଯୋଜନା ଓ ସଂଗଠିତ କର । ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ କଲାବେଳେ ନମନୀୟ ହେବାକୁ ପଡ଼ିବ ।

## ୧୦.୫ ସାରାଂଶ

ଆକଳନର ଉଦ୍ଦେଶ୍ୟ ଉଭୟ ଶିକ୍ଷଣର ମୂଲ୍ୟାୟନ ଓ ଶିକ୍ଷଣର ଅଭିବୃଦ୍ଧି, (ଶିକ୍ଷଣ ପାଇଁ ମୂଲ୍ୟାୟନ) ଶିକ୍ଷଣ ବିଷୟରେ ଲିପିବଦ୍ଧ ତଥ୍ୟର ବିବରଣୀ ପ୍ରଦାନ କରିବା ବେଳେ ପରିବେଶ ଅଧ୍ୟୟନ ଅଭିବୃଦ୍ଧି ପାଇଁ ଶିକ୍ଷଣ କାର୍ଯ୍ୟର ଯୋଜନା ଓ ପରିଚାଳନା ଶିକ୍ଷଣ ପାଇଁ ଆକଳନ ହେବା ଉଚିତ୍ । ଶିକ୍ଷଣର ତଥ୍ୟ ଲିପିବଦ୍ଧ କରଣ ଫଳପ୍ରଦ ଶିକ୍ଷଣର ଚାବିକାଠି । ଆକଳନ ସାଧନୀ ମାଧ୍ୟମରେ ଶିକ୍ଷଣ ସଂପର୍କୀୟ ସୂଚନା ସଂଗୃହୀତ କରାଯାଇ ପାରିବ । ବିଭିନ୍ନ ପ୍ରକାର ସାଧନୀ ଓ କୌଶଳ ରହିଛି ଯେଉଁ ଗୁଡିକ ପରିବେଶ ଅଧ୍ୟୟନରେ ଆକଳନ ପାଇଁ ସୂଚନା ସଂଗ୍ରହ ଓ ଲିପିବଦ୍ଧ କରିବା ନିମିତ୍ତ ବ୍ୟବହାର କରାଯାଇ ପାରିବ । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ନ୍ୟସ୍ତ କାର୍ଯ୍ୟ ପାଇଁ ଶିକ୍ଷକ ଉପଯୁକ୍ତ ଆକଳନ ସାଧନୀ ଚିହ୍ନଟ କରିବା ଉଚିତ୍ ଏବଂ ସୁନିଶ୍ଚିତ କରିବେ ଯେ ସାଧନୀ ଗୁଡ଼ିକ ବୈଧ ଓ ବିଶ୍ୱାସ ଯୋଗ୍ୟ ଅଟନ୍ତି । ଆକଳନ ପାଇଁ ଯେକୌଣସି ପରୀକ୍ଷଣ ଚୟନ ବା ପ୍ରସ୍ତୁତିବେଳେ ଶିକ୍ଷଣ ଅଧିକ ଯତ୍ନବାନ ହେବା ଉଚିତ୍ । କେତେକ ମୁଖ୍ୟ ସାଧନୀ ହେଉଛି- ପର୍ଯ୍ୟବେକ୍ଷଣ ଫର୍ଦ୍ଦ, ଚେକ୍‌ଲିଷ୍ଟ(ତନଖି ତାଲିକା), ରେଟିଂ ସ୍କେଲ, ଶ୍ରବଣ - ଦୃଶ୍ୟ ଲିପିବଦ୍ଧ କରଣ । ପରୀକ୍ଷଣ ଗୁଡ଼ିକର ଶିକ୍ଷଣ ଫଳାଫଳ ସହିତ ସ୍ପଷ୍ଟ ଓ ପ୍ରତ୍ୟକ୍ଷ ସଂଯୋଗ ରହିବା ଉଚିତ୍ ଏବଂ ଏହା ସନ୍ତୁଳିତ ବିବିଧ ଓ ବ୍ୟାପକ ହେବା ବିଧେୟ । ଶିକ୍ଷକ ପରିମାଣାତ୍ମକ

ଟିପ୍ପଣୀ

ଓ ଗୁଣାତ୍ମକ ପରିମାପନ ବ୍ୟବହାର କରିବା ଉଚିତ୍ । ଶିକ୍ଷଣର ସମୃଦ୍ଧିକରଣ ନିମିତ୍ତ ଶିକ୍ଷଣ ଏପରି ମୂଲ୍ୟାୟନ କୌଶଳ ଚୟନ କରିବେ ଯାହା ସକାରାତ୍ମକ ଓ ସୂଚନାତ୍ମକ ପ୍ରତିପୁଷ୍ଟ ନିମିତ୍ତ ଅଭିପ୍ରେରିତ ହେବ ।

## ୧୦.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ନିଜ ଅଗ୍ରଗତି ଆକଳନ -୧

(କ) ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ଗଭୀରତା ଜାଣିବା ପାଇଁ ତୁମେ କୌଣସି ସାଧନୀ ସାହାର୍ଯ୍ୟରେ ଯେତେବେଳେ ତଥ୍ୟ ଲିପିବଦ୍ଧ କର ତାହା ହେଉଛି ଶିକ୍ଷଣର ଆକଳନ ଅଟେ । ଏହି ଲିପିବଦ୍ଧ ସୂଚନା ଆଧାରରେ ତୁମେ ଯେତେବେଳେ ପରବର୍ତ୍ତୀ ଶିକ୍ଷଣ କାର୍ଯ୍ୟ ପାଇଁ ଯୋଜନା କର ଯେତେବେଳେ ତୁମେ ଶିକ୍ଷଣ ପାଇଁ ଆକଳନର ଅଭ୍ୟାସ କରୁଛ, ଯାହାକୁ ଅନ୍ୟ ଭାବରେ 'ପ୍ରତିକାର ମୂଳକ'ବୋଲି ପରିଚିତ ।

(ଖ) ଗୋଟିଏ ଉତ୍ତମ ସାଧନୀ ଏଭଳି ହେବା ଉଚିତ-

୧.ଶିକ୍ଷାଦାନ - ଶିକ୍ଷଣ ବିଷୟ ସହିତ ସାମ୍ୟ ରହିବ ।

୨. ବୈଧ, ବିଶ୍ୱାସ ଯୋଗ୍ୟ ଓ ସନ୍ତୁଳିତ ହେବ ।

୩. ସରଳ ଧାରଣାରୁ ଆରମ୍ଭ ହେବ ।

୪. ସମୟର ପୂର୍ବ ପରୀକ୍ଷା ସହ ପ୍ରଦାନ କରାଯିବ ।

୫. ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଶ୍ନ ଅର୍ନ୍ତଭୁକ୍ତ ହେବ ।

ନିଜ ଅଗ୍ରଗତି ଆକଳନ -୨

ଯୁକ୍ତିଯୁକ୍ତ ଉତ୍ତର ପ୍ରଦାନ କର ।

## ୧୦.୭ ଅତିରିକ୍ତ ପଠନ ପାଇଁ ପୁସ୍ତକ ସୂଚୀ


- Source Book on Assessment for class I-V (Environmental Studies, 2008) NCERT, New Delhi
- NCF 2005, National Council for Educational Research & Training, New Delhi
- EVS textbooks class III to V, NCERT, New Delhi
- Assessment in primary Schools, draft document,National Council for Curriculum and Assessment, Feb.2004
- www.ncca.ie/uploadedfiles/publications/**assess**prim
- www.direct.gov.uk/en/Parents
- web.mit.edu/tll/assessment-evaluation
- www.**ncert**.nic.in/html/pdf/schoolcurriculum/ncfsc/ch4.pdf
- http://en.wikipedia.org/wiki/Educational_assessment

ଟିପ୍ପଣୀ

- http://unesdoc.unesco.org/images/0012/001262/126231e.pdf
- http://www.lbrt.nl/national-professional-association-for-remedial-teachers/faq.php
- http://www.mondofacto.com/facts/dictionary?remedial+teaching
- http://www.edb.gov.hk/index.aspx?nodeID=2607&langno=1

## ୧୦.୮ ପାଠାନ୍ତ ପ୍ରଶ୍ନାବଳୀ

୧. ତୁମ ପସନ୍ଦର ପରିବେଶ ଅଧ୍ୟୟନର ଏକ ପ୍ରସଙ୍ଗରେ ତୁମ ଶିକ୍ଷାର୍ଥୀ ମାନଙ୍କ ଶିକ୍ଷଣ ଆକଳନ ପାଇଁ ଏକ ପର୍ଯ୍ୟବେକ୍ଷଣ ଫର୍ଦ୍ଦ ପ୍ରସ୍ତୁତ କର ।

୨. 'ପରିବେଶ ଅଧ୍ୟୟନ'ରେ ଶିକ୍ଷଣ ଆକଳନ ପାଇଁ ଶ୍ରାବ୍ୟ - ଦୃଶ୍ୟ ଲିପିବଦ୍ଧକରଣ କିପରି ଉପକାରୀ ହୋଇପାରିବ ଉଦାହରଣ ସହ ବର୍ଣ୍ଣନା କର ।